OPEN ACCESS

*Int. Jr. of Contemp. Res. in Multi.* **PEER-REVIEWED JOURNAL** *Volume 4 Issue 5 [Sep- Oct] Year 2025*

IJCRM International Journal of Contemporary Research In Multidisciplinary

*Research Article*

# ଦକ୍ଷିଣ ଓଡ଼ିଶାର ଲୋକଗୀତ ପରଂପରାରେ ହଳିଆ ଗୀତ

**ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ**

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, କଳିଙ୍ଗ ମହାବିଦ୍ୟାଳୟ, ଘୁ. ଉଦୟଗିରି, କନ୍ଧମାଳ, ଓଡ଼ିଶା, ଭାରତ

**Corresponding Author:** * ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ

**DOI:** https://doi.org/10.5281/zenodo.20614767

**ସାରାଂଶ**

ଏହି ପ୍ରବନ୍ଧଟି ଦକ୍ଷିଣ ଓଡ଼ିଶାର କୃଷିଭିତ୍ତିକ ଜୀବନଧାରାର ଏକ ଅନନ୍ୟ ଅଙ୍ଗ 'ହଳିଆ ଗୀତ'ର ସାଂସ୍କୃତିକ ଓ ସାହିତ୍ୟିକ ମୂଲ୍ୟବୋଧ ଉପରେ ଆଧାରିତ । କୃଷିକାର୍ଯ୍ୟର କଠିନ ପରିଶ୍ରମ ଓ କ୍ଳାନ୍ତିକୁ ଦୂର କରିବା ପାଇଁ ହଳିଆର କଣ୍ଠରୁ ସ୍ୱତଃସ୍ଫୁର୍ତ୍ତ ଭାବେ ନିଃସୃତ ଏହି ଗୀତଗୁଡ଼ିକ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଏହା ମାଟିର ମଣିଷର ସୁଖ-ଦୁଃଖ, ଆଶା-ଆକାଂକ୍ଷା ଏବଂ ଗଭୀର ଜୀବନବୋଧର ପ୍ରତିଫଳନ । ଲେଖକ ଏଠାରେ ହଳିଆ ଗୀତକୁ ଚାରୋଟି ମୁଖ୍ୟ ଭାଗରେ ବିଭକ୍ତ କରିଛନ୍ତି: ପୁରାଣ ଭିତ୍ତିକ, ଇତିହାସାଶ୍ରୟୀ, ପ୍ରେମାବେଗ ଭିତ୍ତିକ ଏବଂ ବାସ୍ତବ ଜୀବନାନ୍ଭୂତି ମୂଳକ । ପ୍ରବନ୍ଧରେ ଗଞ୍ଜାମ, କନ୍ଧମାଳ ଏବଂ କୋରାପୁଟ ପରି ଅଞ୍ଚଳର ଲୋକକଥା ଓ ଆଦିବାସୀ ସଂସ୍କୃତିରେ ପ୍ରଚଳିତ ହଳିଆ ଗୀତର ଉଦାହରଣ ମାଧ୍ୟମରେ ଏହାର ଶୈଳୀ ଓ ଆତ୍ମିକ ଆବେଦନକୁ ବିଶ୍ଳେଷଣ କରାଯାଇଛି । ଆଧୁନିକ ଯନ୍ତ୍ର ସଭ୍ୟତାର ପ୍ରଭାବ ସତ୍ତ୍ୱେ, ଏହି ପାରମ୍ପରିକ ଲୋକଗୀତଗୁଡ଼ିକ କିପରି ଓଡ଼ିଆ ଜାତିର ଐତିହ୍ୟ ଓ ନୈତିକ ଆଦର୍ଶକୁ ବହନ କରି ଚାଲିଛି, ତାହା ଏହି ଆଲୋଚନାର ମୁଖ୍ୟ ସ୍ୱର ।

**Manuscript Information**

- **ISSN No:** 2583-7397
- **Received:** 05-09-2025
- **Accepted:** 29-10-2025
- **Published:** 30-10-2025
- **IJCRM:**4(5); 2025: 666-671
- **©2025, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. ଦକ୍ଷିଣ ଓଡ଼ିଶାର ଲୋକଗୀତ ପରଂପରାରେ ହଳିଆ ଗୀତ. Int J Contemp Res Multidiscip. 2025;4(5):666-671.

**Access this Article Online**

www.multiarticlesjournal.com

**ପ୍ରାସଙ୍ଗିକ ଶବ୍ଦାବଳୀ:** ହଳିଆ ଗୀତ, ଦକ୍ଷିଣ ଓଡ଼ିଶା, ଲୋକସାହିତ୍ୟ, କୃଷି ସଂସ୍କୃତି, ଶ୍ରମଲାଘବ, ପୁରାଣ ଓ କିମ୍ବଦନ୍ତୀ, ଆଦିବାସୀ ଜୀବନଧାରା

## ପ୍ରସ୍ତାବନା

କ୍ଳାନ୍ତି ଅପନୋଦନ, ଶ୍ରମ ଦୂରୀକରଣ ତଥା ଚିନ୍ତାଗ୍ରସ୍ତ ମନରେ ଆନନ୍ଦ ସୃଷ୍ଟି କରିବା କ୍ଷେତ୍ରରେ ସଂଗୀତର ମହୌଷଧି ଗୁଣ ଅନବଦ୍ୟ । ଗୀତ ତଥା ସଂଗୀତର ଏହି ଦିବ୍ୟଗୁଣଟି ହିଁ ତାକୁ ମଣିଷର ନିକଟତର କରିପାରିଛି । କେଉଁ ଏକ ପବିତ୍ର ମୁହୂର୍ତ୍ତରେ ଏହାର ସୃଷ୍ଟି ତାହା ଏଯାବତ୍ ଯଦିଓ ଅଜ୍ଞାତ, ତଥାପି ସମୟର ନିରନ୍ତର ପ୍ରବହମାନ ଧାରାରେ ଯୁଗୀୟଚେତନାର ବିବର୍ତ୍ତନକୁ ସ୍ୱୀକାର କରି କାଳକ୍ରମେ ଏହା ଲୋକଗୀତ ଓ ବିଦଗ୍ଧ ଗୀତ ନାମରେ ଦ୍ୱିଧା ବିଭକ୍ତ ହୋଇଥିବା ସମସ୍ତେ ଜାଣନ୍ତି । ଆପାତତଃ ଗ୍ରନ୍ଥାକାରରେ ପ୍ରକାଶ ପାଇ, ବିଦଗ୍ଧ ସ୍ରଷ୍ଟାଙ୍କ ନାମ ବହନ ପୂର୍ବକ ଯାହା ପାଠକ ପାଠିକାଙ୍କ ବୌଦ୍ଧିକ ସ୍ତରରେ ପ୍ରାଧାନ୍ୟ ବିସ୍ତାର କରେ ତାହାକୁ ବିଦଗ୍ଧ ସାହିତ୍ୟ ତଥା ବିଦଗ୍ଧ ସଂଗୀତ ଆଖ୍ୟା ପ୍ରଦାନ କରାଗଲା ବେଳେ, "ଯେଉଁ କବିତାମାନ ଏବେ ମୁଖେ ମୁଖେ ରହି ଆସିଛି, କେବେହେଲେ ଗ୍ରନ୍ଥ ଭାବରେ ପରିଚିତ ହେବାର ସୁଯୋଗ ଲାଭ କରିନାହିଁ ବା କୌଣସି ବ୍ୟକ୍ତି ଦ୍ୱାରା କେଉଁ



© 2025 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଅଜ୍ଞାତକୋଣରେ ସୃଷ୍ଟିଲାଭ କରି ତା'ର ବିଚକ୍ଷଣ ମହକରେ ସେ ଜନସମାଜକୁ କୋଣେ କୋଣେ ପ୍ରଚାରିତ ହୋଇ ସାର୍ବଜନୀନ ହୋଇପାରିଛି, ସେହିମାନଙ୍କୁ ହିଁ ଗ୍ରାମ୍ୟଗୀତି ବୋଲି ଅଭିହିତ କରିବା ସମୀଚୀନ ।"(୧)
ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ପରିବେଶ ଓ ପରିସ୍ଥିତିର ବିଭିନ୍ନତା ତଥା ଯୁଗୀୟ ଦୃଷ୍ଟିକୋଣର ଅନୁରୋଧରେ ଯେପରି ଅନ୍ୟାନ୍ୟ ବିଷୟଗୁଡ଼ିକରେ ବିଭିନ୍ନତା ଲକ୍ଷ୍ୟ କରାଯାଏ, ତଦ୍ୱତ୍ ଲୋକଗୀତକୁ ମଧ ବହୁଧା ବିଭକ୍ତ କରାଯାଇଥାଏ । ଯଥା – ଖେଳଗୀତ, କାନ୍ଦଣା ଗୀତ, ବିବାହ ଗୀତ, ପର୍ବପର୍ବାଣୀ ଗୀତ, ଶ୍ରମ ଗୀତ ଏବଂ ହଲିଆ ଗୀତ । ଆମ ଆଲୋଚନାର ବିଷୟ ହଲିଆଗୀତ, ଯାହାକି ଦକ୍ଷିଣ ଓଡ଼ିଶାର ଲୋକସଂସ୍କୃତିର ଏକ ଅନନ୍ୟ ବିଭବ ଭାବରେ ପରିଚିତ ।
ବସ୍ତୁତଃ ଦକ୍ଷିଣ ଓଡ଼ିଶା କୃଷିର ଏକ ଉପଯୁକ୍ତ ଭୂଖଣ୍ଡ । କୃଷି ହିଁ ଆଲୋଚ୍ୟ ଅଞ୍ଚଳର ଜୀବନ ଓ ଜୀବିକାର ଏକ ପ୍ରମୁଖ ଅବଲମ୍ବନ କହିଲେ ସତ୍ୟର ଅପଳାପ ହେବ ନାହିଁ । ତେଣୁ ବିଶେଷକରି ଶିକ୍ଷାକୁ ଗୁରୁତ୍ୱ ଦେବା ଅପେକ୍ଷା ଜୀବନ ଓ ଜୀବିକାକୁ ଆଧାର କରି ସେ କୃଷିକୁ ଗୁରୁତ୍ୱ ପ୍ରଦାନ କରିଥାଏ । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ହଳ ସହିତ ସଂପୃକ୍ତ ହଲିଆ, ଯିଏ ହଳ ଚଳାଏ ବା ଚାଷ କରେ ସେ ହଲିଆ । ସେ କୃଷକ ହୋଇପାରେ ବା କୃଷି ଶ୍ରମିକ ହୋଇପାରେ । ଗଞ୍ଜାମରେ ହଲିଆ ଜଣେ ସାହୁକାର / ସାଉ / ଜମିଦାର ଅଧୀନସ୍ଥ ଶ୍ରମଜୀବୀକୁ ମଧ ବୁଝାଏ । ସେ ଯାହାହେଉ କୃଷି କର୍ମରେ ଓତପ୍ରୋତ ଭାବେ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ହଲିଆ କୁହାଯାଏ । କୃଷିକାର୍ଯ୍ୟ ଅକ୍ଳାନ୍ତ ଶାରୀରିକ ପରିଶ୍ରମ ଅପେକ୍ଷା ରଖେ । ସମୟାନୁସାରେ କୃଷିକାର୍ଯ୍ୟ ସଂପନ୍ନ ନ ହେଲେ ଅମଳ ହୋଇପାରେନା । ତେଣୁ ଚାଷୀ ହୁଡ଼ିଲେ ବରଷେ ବୋଲି ଲୋକୋକ୍ତି ରହିଛି । ସେ ଖରା, ବର୍ଷା ଶୀତକୁ ନ ମାନି ଜମିରେ ହଳ କରେ । ଏହି ସମୟରେ ଶ୍ରମ ଲାଘବ ପାଇଁ ତା' ମୁଖରୁ ଗୀତର ପସରା ଖୋଲିଯାଏ । ଅବଶ୍ୟ ତା' ଗୀତ କେତେବେଳେ ପ୍ରସଙ୍ଗ ଭିତ୍ତିକ ଓ କେତେବେଳେ ନିରର୍ଥକ ମଧ ହୋଇଥାଇ ପାରେ । ସାହିତ୍ୟ ସୃଜନ ହଲିଆ ଗୀତର ଲକ୍ଷ୍ୟ ନୁହେଁ, ବରଂ ଏକୁଟିଆପଣକୁ ଦୂରେଇ ଦେବା, ଚିତ୍ତ ବିନୋଦନ ପାଇଁ ଉଦ୍ୟମ କରିବା, ଶ୍ରମ ଜନିତ କ୍ଳାନ୍ତିକୁ ଭୁଲି ନୂଆ ସ୍ଫୁର୍ତ୍ତି ଜାଗ୍ରତ କରିବା ପାଇଁ ହଲିଆ ଗୀତ ଗାଏ ।(୨) ସର୍ବୋପରି ମାଟି ସହିତ ମାଟି ହୋଇ ଫସଲ ଉତ୍ପାଦନ ନିମିତ୍ତ ପ୍ରତିଶ୍ରୁତିବଦ୍ଧ କୃଷକଟିଏ ଜାଣେନାହିଁ କବିତା ରଚନାର କଳାକୌଶଳ, ରାଗରାଗିଣୀର ବିଧିବିଧାନ । ହଳ କରୁକରୁ କ୍ଳାନ୍ତି ଅପନୋଦନ ପାଇଁ ସ୍ୱତଃସ୍ଫୁର୍ତ୍ତ ଭାବାବେଗର ଶତ ଅନୁରୋଧରେ ତା' ଅନ୍ତର ମଧରେ ଗଜୁରି ଯାଏ କବିତ୍ୱର ଦ୍ୟୋତନା । ସୃଜନୀ ଶକ୍ତିର ଆହ୍ୱାନରେ କଣ୍ଠ ତା'ର ଥରିଉଠେ । କଳ୍ପନା ବିଳାସ ଏବଂ ଶବ୍ଦର ସୁମଂଜୁଳ ସଂଯୋଜନାର ଆବଶ୍ୟକତାକୁ ସେ ଦୃଷ୍ଟି ନ ଦେଇ ସରଳ, ତରଳ ତଥା ସାବଲୀଳ ଭାବ ଭଙ୍ଗୀମାରେ ଗୀତଟିଏ ଗାଇଥାଏ । ଆଲୋଚକ ତଥା ଲୋକସାହିତ୍ୟର ବରେଣ୍ୟ ସମାଲୋଚକ ଡ.କୁଞ୍ଜବିହାରୀ ଦାଶ ଏ ସଂପର୍କରେ କହନ୍ତି – ଏଥିରେ କଳ୍ପନାବିଳାସ ନାହିଁ କିମ୍ବା ବାକ୍ୟ ପଲ୍ଲବନ ନାହିଁ । ଗୋଟିଏ ଗୋଟିଏ ପଦରେ କାବ୍ୟର ସଂକେତ ଫୁଟି ଉଠିଅଛି । ଏ କାବ୍ୟ ପ୍ରାଣର କାବ୍ୟ; ଏହା ଅଶରୁରେ ଉଜ୍ଜ୍ୱଳ, ଅନୁଭୂତିରେ ଉଜ୍ଜ୍ୱଳ, ସ୍ୱାଭାବିକତାରେ ସରସ ।(୩)
ଏଠାରେ ସ୍ୱୀକାର କରାଯାଇପାରେ ଯେ, ହଲିଆର ପରିଶ୍ରମୀ ମନର କରୁଣ ଅନୁଭବ ଓ ଅନୁଭୂତିରେ ହଲିଆ ଗୀତର ଆତ୍ମିକ କ୍ଷେତ୍ର ହୋଇଥାଏ ପରିପୁଷ୍ଟ । କାଳିଆ କସରା ଦୁଇ ବଳଦ, କାଠ ଲଂଗଳ, ପାଞ୍ଚଣିଟିଏ ପରି ଆଲୋଚ୍ୟ ଗୀତ ମଧ ତା'ର ସୁଖଦୁଃଖର ସାଥୀ । ତା' ଜୀବନର ସୁଖଦୁଃଖ, ସଂସ୍କୃତି, ଚଳଣି, ବିଶ୍ୱାସବୋଧ ସବୁକିଛି ସେହି ଗୀତ ମଧରେ ସଂଗୋପିତ ହୋଇ ରହିଥାଏ । ତେଣୁ ହଲିଆଗୀତର ଆତ୍ମିକ ଆବେଦନ ଯେପରି ନିଆରା; ଶୈଳୀ ସେପରି ମନମତାଣିଆ ଗୁଣରେ ଋଦ୍ଧିମନ୍ତ । ଦେଶର ପ୍ରକୃତ ଐତିହ୍ୟ ଓ ତା'ର ନୈତିକ, ସାମାଜିକ ଆଦର୍ଶମାନ ଗୀତମାନଙ୍କ ମଧରେ ସୁରକ୍ଷିତ । ଏଣୁ ହଲିଆ ଗୀତ ମଧରେ ଭାରତର ଇତିହାସ, ପୁରାଣ, ସାମାଜିକ, ଆର୍ଥିକ, ରାଜନୈତିକ, ବିଭବ ସବୁର ପ୍ରତିଫଳନ ଘଟିଥାଏ ।(୪) ଏପରି ଏକ ଲୋକଗୀତର ଆବେଦନ ଦକ୍ଷିଣ ଓଡ଼ିଶାର କୃଷକ ସମାଜରେ ବହୁଳ ଭାବରେ ପ୍ରଚଳିତ ଥିବା ଲକ୍ଷ୍ୟ କରାଯାଏ । ସୁତରାଂ ଆଲୋଚନାର ସୌନ୍ଦର୍ଯ୍ୟ ଦୃଷ୍ଟିରୁ ହଲିଆଗୀତର ଆତ୍ମିକ ଅଭିବ୍ୟକ୍ତିକୁ ସମ୍ମାନ ପ୍ରଦର୍ଶନପୂର୍ବକ ନିମ୍ନମତେ ବିଭକ୍ତ କରାଯାଇପାରେ । ଯଥା – କ) ପୁରାଣ ଭିତ୍ତିକ ହଲିଆ ଗୀତ, ଖ) ଇତିହାସାଶ୍ରୟୀ ହଲିଆ ଗୀତ, ଗ) ପ୍ରେମଭିତ୍ତିକ ହଲିଆ ଗୀତ, ଘ) ବାସ୍ତବ ଜୀବନାନୁଭୂତି ମୂଳକ ହଲିଆ ଗୀତ । ସର୍ବୋପରି ଏ ସମସ୍ତ ହଲିଆ ଗୀତକୁ ନିମ୍ନରେ ପ୍ରାଞ୍ଜଳ ଭାବରେ ବିଶ୍ଳେଷଣ କରିବା ଯଥାର୍ଥ ମନେହୁଏ ।

**କ) ପୁରାଣ ଭିତ୍ତିକ :**

ପୁରାଣ ମହାଭାରତୀୟ ପରଂପରାର ଏକ ଅନନ୍ୟ ଅଂଗ । କି ଶିକ୍ଷିତ, କି ଅଶିକ୍ଷିତ ସମଗ୍ର ଭାରତୀୟ ଜନ-ମାନସରେ ପୁରାଣର ଆବେଦନ ସର୍ବ ତନ୍ତ୍ର-ସ୍ୱତନ୍ତ୍ର । ଏଥିରୁ ବା ହଲିଆ ଗୀତ ନିଜକୁ କିପରି ବିଚ୍ୟୁତ କରିପାରିବ । ଅତଏବ ସମାଜରେ ସମସ୍ତଙ୍କ ସହିତ ସାମାଜିକ ବନ୍ଧନରେ ବାନ୍ଧି ହୋଇ ଜୀବନ ବିତାଉ ଥିବା କୃଷକଟିଏ ପୁରାଣ ଚେତନାରେ ଅଭିଭୂତ ହେବା ଯେପରି ଆଶ୍ଚର୍ଯ୍ୟ ନୁହେଁ, ସ୍ୱତଃସ୍ଫୁର୍ତ୍ତ ଭାବାବେଗରେ ତା' କଣ୍ଠରୁ ଝରି ଆସୁଥିବା ଗୀତରେ ମଧ ପୌରାଣିକ ଚରିତ୍ର ଓ ବିଷୟରେ ବ୍ୟବହାର ଆଦୌ ଅପ୍ରାସଙ୍ଗିକ ନୁହେଁ – ଏହା ନିଶ୍ଚିତ ସତ୍ୟ । କାରଣ ଲୋକଗୀତ ସୃଷ୍ଟି ମୂଳରେ ଲୋକର ସାମାଜିକ ଜୀବନର ପ୍ରତିଟି ବିଶ୍ୱାସ ଓ ଗଣଚେତନାର ପ୍ରତିଟି ମୁଦ୍ରାଙ୍କ ନିହିତ । ସାମାଜିକ ବିଶ୍ୱାସ ଓ ସମାଜ ଚେତନା ସାମଗ୍ରିକ ଭାବରେ ଲୋକଗୀତରେ ଶୈଳୀ ଓ ଆଦର୍ଶରେ ପ୍ରତିବଦ୍ଧ ଅଭିବ୍ୟକ୍ତି ଲାଭ କରେ । ପୃଥିବୀର ସର୍ବତ୍ର ଲୋକଗୀତ ହିଁ ଲୋକ ବିଶ୍ୱାସର ପ୍ରଶସ୍ତ ଉତ୍ସ ।(୫) ସୁତରାଂ ଗ୍ରାମ୍ୟ ଜୀବନର ସାମାଜିକ ସହବସ୍ଥାନ ଭିତ୍ତିରେ ଅପାଠୁଆ ହେଲେ ହେଁ କୃଷକଟିଏ ପୁରାଣ ସଂପର୍କରେ ଜ୍ଞାନ ସଂଗ୍ରହ କରିଥାଏ । ତେଣୁ ପୁରାଣ ପ୍ରୀତିର ଅନୁପମ ଆଗ୍ରହବୋଧରେ ଭରପୂରିତ ହଲିଆଟି ବ୍ୟକ୍ତିକ ଓ ସାମୂହିକ ଜୀବନଚର୍ଯ୍ୟାକୁ ପୁରାଣଶ୍ରୟୀ ଢଙ୍ଗରେ ଗୀତରେ ରୂପ ଦେଇ ଗାଇଥାଏ

**"ବୋଇଲାରେ...**

**ରାମକୁ ବରିନେଇତ କଲେକ ବରବେଶ**
**ଶ୍ରୀରାମ ଲଲାଟରେ ଯେ ଖଞ୍ଜିଲେ ମୁକୁଟ ।**
**ହସ୍ତରେ ପିନ୍ଧାଇଲେରେ ଆଷାଢୁଆ ସୂତା**
**କାନ୍ଧରେ ଲମ୍ବାଇଲେ ହୋ କନକ ପଇତା**
**ବେଦ ଉଚ୍ଚାରିଲେ ଯେ ସୁବେଦୀ ବ୍ରାହ୍ମଣ**
**ଝିଅ ବିଭା କଲୁ ରଜା କିସ ଦେବୁ ଦାନ ।**
**ରାଉଜ ସହିତ ମୁଁ ଦେଲି ବଡ଼ପଣ**
**ଚଂଦାଛାଲି କୋଠ ହେ ଭଣ୍ଡାର**
**ଅମୂଲ୍ୟ ରତନ ଯେ.... ।"**

ପ୍ରକାରାନ୍ତରେ ପୁରାଣ ପୃଷ୍ଠମଣ୍ଡନକାରୀ ଚରିତ୍ର ରାମ, କୃଷ୍ଣ ଆଦି ବିଷ୍ଣୁଙ୍କ ଅବତାର ଭାବରେ ଅବତୀର୍ଣ୍ଣ ହୋଇଥିଲେ ହେଁ, ଗ୍ରାମର ସାଧାରଣ କୃଷକଟି


© 2025 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ନିକଟରେ ସେ ଜଣେ ସାଧାରଣ ମଣିଷ । ତେଣୁ ସେ ରାମ, ଲକ୍ଷ୍ମଣ ଓ କୃଷ୍ଣକୁ ହଳିଆ କରି ସୀତା ଓ ରାଧାଙ୍କୁ ଜଣେ ସାଧାରଣ ଶ୍ରମଜୀବୀ ମହିଳା ଭାବରେ ଚିତ୍ରଣ କରି କ୍ଷେତ୍ରରେ ଧାନ ରୋଇବା କାର୍ଯ୍ୟରେ ନିଯୁକ୍ତି କରିଥାଏ । ଦେବ ଓ ଦେବୀଙ୍କୁ ସାଧାରଣ ମଣିଷ ଭାବରେ ବିନିଯୋଗ କରିବାରେ ହଳିଆ ମନରେ ଥିବା ସରଳତାକୁ ଅନୁଧାନ କରାଯାଇପାରେ । ଗଞ୍ଜାମ ଜିଲ୍ଲା ଚିକିଟୀର ବଡ଼ବରଂଗା ଗ୍ରାମରୁ ସଂଗୃହୀତ ନିମ୍ନୋକ୍ତ ଗୀତଟିରୁ ଏହାର ଯଥାର୍ଥତା ବିଚାର କରାଯିବା ଆବଶ୍ୟକ ।

**"ବୋଇଲାରେ...**
**ରାମ ଯେ ଲକ୍ଷ୍ମଣ ଦୁଇଗୋଟି ଭାଇ**
**କା' କାନ୍ଧରେ ଲଂଗଳ ଯେ କା କାନ୍ଧେ ଆଡ଼ମଇ**
**କେ ବାଂଧେ ଲଂଗଲରେ କେ ବାଂଧେ ମଇ**
**କାଦୁଅ କରନ୍ତି ଯେ... ଦେଉଆଡ଼ି ମଇ**
**ଦେଉଆଡ଼ି ମଇ ହୋ**
**ସୀତା ଯିବେ ରୁଇ ।"**

**କିମ୍ବା**

**"ବୋଇଲାରେ...**
**ଗହୀର ବିଲକୁ ଯେ କହ୍ନାଇ ନେଲା ହଳ**
**ଦେଖୁ ଦେଖୁ ଭାଇରେ ପହରେ ହେଲା ବେଳ**
**ବେଳ ପହରକୁ ଭାଇରେ**
**ରାଧା ନେଉଛନ୍ତି ଦହି ଯେ ପଖାଳ ।"**

ଉପରୋକ୍ତ ଗୀତଗୁଡ଼ିକ ଆଧାରରେ ରାମ, କୃଷ୍ଣ ଆଦି ଚରିତ୍ର ଅଧାତ୍ମ ପୁରୁଷରୁ ସାଧାରଣ ମଣିଷ ପାଲଟି ଯିବା ବିଷୟକୁ ସ୍ୱୀକାର କରାଯାଇ ପାରେ । ସାଧାରଣ କୃଷକଟିର ଅକପଟ, ସ୍ୱଚ୍ଛନ୍ଦ ଚେତନା ମଧ୍ୟରେ ସେମାନେ ମଧ୍ୟ ସାଧାରଣ ଗ୍ରାମ୍ୟ ଜୀବନ ପରିସରକୁ ଆସିଥିବା ଲକ୍ଷ୍ୟ କରାଯାଏ । ଏଠାରେ ଉଦାହରଣ ସ୍ୱରୂପ ଏକ ଗୀତକୁ ଉଲ୍ଲେଖ କରାଯାଇପାରେ । ଯଥା :

**"ରାଧାମାଧବ ଲୋ ସୁରତି ଭାବ ବେଳେ**
**ଚଂଦ୍ରସେଣା ଗୋଗୋଷ୍ଠୁ ଆସିଲ ତହିଁ କାଳେ**
**ମାତା ବୋଲେ ପୁଅରେ ମୋ ଘର ବୁଡ଼ିଲା**
**ତ୍ରିପଣ୍ଡ କଳାଭୁତ ରାଧାକୁ ଗିଳିଲା**
**ରାଧାକୁ ଗିଳିକରି ନ ପୂରିଲା ପେଟ**
**ମୋତେ ତ ଗିଳିବାକୁ ଜଗିରେ ବସିଛି**
**ଦୁପୁରା କଂଦିବାଟ ହୋ... (ଚିକିଟୀ-କଳକାଢ଼) (୭)**

ସାଧାରଣତଃ ପୁରାଣପୃଷ୍ଠା ମଣ୍ଡନକାରୀ ଚରିତ୍ରାବଳୀକୁ ନେଇ କୃଷକଟିଏ ତା' ଗୀତର ମାଧୁର୍ଯ୍ୟକୁ ଋଦ୍ଧିମନ୍ତ ତଥା ସମୃଦ୍ଧ କରିଥାଏ, ସେହିପରି ବିବିଧ ଐତିହାସିକ ଓ କିମ୍ବଦନ୍ତୀମୂଳକ ଘଟଣାକୁ କେନ୍ଦ୍ର କରି ମଧ୍ୟ ଗୀତ ରଚନାରେ ନିଜକୁ ହଜାଇ ଦେଇଥାଏ । ଏହି ଦୃଷ୍ଟିରୁ ସଂପ୍ରତି ଇତିହାସ ବିଷୟାଶ୍ରିତ ହଳିଆ ଗୀତ ସଂପର୍କରେ ଆଲୋକପାତ କରିବା ଯଥାର୍ଥ ମନେହୁଏ ।

ଖ) ଇତିହାସାଶ୍ରୟୀ ହଳିଆ ଗୀତ : ପୁରାଣ ପରି ଇତିହାସ ଓ କିମ୍ବଦନ୍ତୀ ମଧ୍ୟ ସମାଜରେ ଏକ ବହୁ ଚର୍ଚ୍ଚିତ ବିଷୟ । ପୁରାଣର ମହତ୍ତ୍ୱ ପରି ଇତିହାସର ଗୁରୁତ୍ୱ ମଧ୍ୟ ସମାଜ ପାଇଁ ବେଶ୍ ଉପଯୋଗୀ । ତେଣୁ ସାଧାରଣ ହଳିଆଟିଏ ମଧ୍ୟ ଇତିହାସ ଓ କିମ୍ବଦନ୍ତୀ ପ୍ରତି ଆକର୍ଷିତ ହୋଇ ଗୀତରେ ସେଗୁଡ଼ିକୁ ସ୍ଥାନ ଦେଇଥାଏ । ଗଜପତିଙ୍କ କାଞ୍ଚି ଯାତ୍ରା ତଥା ଜଗନ୍ନାଥ ଓ ବଳଭଦ୍ର କଳା-ଧଳା ଘୋଡ଼ାରେ ଯାଇ ମାଣିକ ଠାରୁ ଦହି ଖାଇବା ବିଷୟକୁ କେନ୍ଦ୍ରକରି କୃଷକଟିଏ ତା'ର ସୁଲଳିତ ସ୍ୱରରେ ହଳ କରିବା ବେଳେ ଗାଇଥାଏ ।

**"ବୋଇଲାରେ....**
**କଳାଧଳା ଘୋଡ଼ାରେ ଯେ**
**ଦୁଇ ଭାଇ ବିଜେ କଲେ,**
**ମାଣିକ ଗଉଡୁଣୀ ଭାଇରେ କିସ ଭାଗ୍ୟ କଲା**
**ଜଗନ୍ନାଥ ପ୍ରଭୁଙ୍କର ମୁଦ୍ରିକା ପାଇଲା**
**ପଦ୍ମାବତୀ ନାମ ତା'ର କାଞ୍ଚି ରାଜଜେମା**
**ଗଜପତି ରଜାଙ୍କର ହୃଦୟ ପ୍ରତିମାରେ... ।"**

କେବଳ ସେତିକି ନୁହଁ ଇତିହାସର ଚର୍ଚ୍ଚିତ ଘଟଣା କଳାପାହାଡ଼ର ଆକ୍ରମଣକୁ ଆଧାର କରି ହଳିଆଗୀତ ରଚନା ହୋଇଥିବା ଜଣାଯାଏ । ଯଥା –

**"ବୋଇଲାରେ...**
**କଳାପାହାଡ଼ ଭାଇରେ ବଡ଼ ତ ଉଚ୍ଛୃଳ,**
**ଛାରଖାର କରୁଥିଲା ହିନ୍ଦୁଙ୍କ ଦେଉଳରେ**
**ଜଗତର ନାଥ ସେହୁ ତାହାକୁ ଡରିଲେ,**
**ଶ୍ରୀମନ୍ଦିର ଛାଡି ସେହୁ ପଳାଇଣ ଗଲେରେ ।**
**ଏଡ଼େ ଗରବକୁ ତା'ର ହେଲା ନାହିଁ**
**ବେଗି ବେଗି ଚାଲରେ ଭଡିଆ ପାଇଁ ।"**

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଇତିହାସର ବିଷୟ ଆଧାରରେ ରଚିତ ଗୀତଗୁଡ଼ିକୁ ଗାଇବା ବେଳେ ହଳିଆଟିଏ ଜାତିର ଗୌରବରେ ଉଲ୍ଲସିତ ହୋଇଯାଇଥାଏ । ଇତିହାସର ବିଷୟ ସଂପର୍କରେ ହଳିଆଟିଏ ଅନଭିଜ୍ଞ ଥିଲେ ହେଁ ଜଣେ ଓଡ଼ିଆ ଭାବରେ ତା'ର ଅନ୍ତର ମଧ୍ୟରେ ଯେଉଁ ଦେଶାତ୍ମବୋଧଟି ଜାଗ୍ରତ ଥାଏ ତାହାକୁ ସେ ଗୀତରେ ପ୍ରକାଶ କରେ । ଗୌରବୋଜ୍ଜ୍ୱଳ ଘଟଣାର ଉଦ୍ଦୀପନାରେ ସେ ଭୁଲିଯାଏ ତା'ର କ୍ଳାନ୍ତି, ଫଳରେ ତା'ର କାର୍ଯ୍ୟଦକ୍ଷତା ହୋଇଯାଏ ଦ୍ୱିଗୁଣିତ । ଦୁଇ ବଳଦକୁ ପୁଣିଥରେ ସାକ୍ଷୀ ରଖି, ପାଞ୍ଚଣି ହଲାଇ ସେ ହୋଇଯାଏ ଚଳଚଞ୍ଚଳ । ଏତଦ୍‌ବ୍ୟତୀତ କେତେକ ହଳିଆ ଗୀତରେ ପ୍ରେମାବେଗର ଆଲେଖ୍ୟ ଅନ୍ତଃସଲିଳା ଫଲ୍‌ଗୁ ପରି ପ୍ରବହମାନ ହେଉଥିବା ଲକ୍ଷ୍ୟ କରାଯାଏ । ତେଣୁ ତା' ସଂପର୍କରେ ଦୁଇଧାଡ଼ି ଲେଖିବା ଉଚିତ ମନେହୁଏ ।

**ଗ) ପ୍ରେମାବେଗ ଭିତ୍ତିକ ହଳିଆ ଗୀତ :**

ମଣିଷର ବିବିଧ ଅନ୍ତର୍ଶ୍ଚେତନା ମଧ୍ୟରୁ ପ୍ରେମ ଅନ୍ୟତମ । ମଣିଷର ଅବଚେତନ ସ୍ତରରେ ଥିବା ଏହି ଚେତନା ବୟସର ତାଡ଼ନାରେ ଚେତନ ସ୍ତରକୁ ଉନ୍ନୀତ ହୋଇ ପ୍ରେମାବେଗରେ ରୂପାନ୍ତରିତ ହୋଇଥାଏ । କି ଶିକ୍ଷିତ, କି ଅଶିକ୍ଷିତ ସଭିଏଁ ବୟସର ପ୍ରଭାବରେ ଏହି ଆବେଗର ଆଦେଶକୁ ସ୍ୱୀକାର କରିଥାନ୍ତି । ଅତଏବ ସୃଷ୍ଟିର ଏହି ସାର୍ବଜନୀନ ଆବେଗ ମଧ୍ୟରୁ ହଳିଆଟିଏ ବା ନିଜକୁ କିପରି ମୁକ୍ତ ରଖିପାରିବ ? ତେଣୁ ହଳ କରିବା ବେଳେ ସମୟେ ସମୟେ ଏକ ସ୍ୱପ୍ନାତୁର ଆବେଗର ଅନୁରୋଧରେ ଭାବପ୍ରବଣ କୃଷକଟିର ଅନ୍ତର ମଧ୍ୟରୁ ସ୍ୱତଃ ସ୍ଫୁରିଆସେ ପ୍ରେମାବେଗ ସମ୍ବଳିତ ପଦେ ପଦେ ଗୀତ ।

**"ବୋଇଲାରେ....**
**ବେଳ ଦେଖ ଭାଇ**
**ଗଲା ମୁଣ୍ଡ ଉପରକୁ,**
**କହିଥିଲି ସକାଳେ ମୋ ପ୍ରାଣ ପ୍ରିୟାକୁ**


© 2025 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

**ଆଣିବୁ ଲୋ ଶାଗ ପଖାଳ ସଜକରି,**
**ଏ ଯାଏଁ ଆସିଲା ନାହିଁ ମୋ ପ୍ରାଣ ସୁନ୍ଦରୀ**
**ପଦୁଁଅ ପତରେ ଭାଇ ପାଣି ଟଳମଳ,**
**ଘରଣୀ ମୋ ଆସୁଥିବ ଚଞ୍ଚଳ ଚଞ୍ଚଳ ।"**
**(ବଡ଼ବରଂଗା – ଟିକିଟୀ)**

ଏତଦ୍‌ଭିନ୍ନ କେତେକ ହଲିଆ ଗୀତ ଦିଅର – ଭାଉଜର ତାହିଟାପରା ଆଧାରରେ ସୃଷ୍ଟି ହୋଇଥିବା ଦୃଷ୍ଟିଗୋଚର ହୋଇଥାଏ । ଏହି ପରିହାସ ମଧ୍ୟରେ ହୃଦୟରୁ ଉଛୁଳି ଆସୁଥିବା ପ୍ରେମାବେଗର ବେଗକୁ ସହଜରେ ମାପି ହୁଏ । ଯଥା –

**"ବୋଇଲା – ଚୌକୁଲି ବିଲରେ...ଏ...ମୋ ହଳ ବୁଲୁନାହିଁ...**
**ଭାଉଜ ଗୋଟଣାରେ ଏ...ଦିଅର ଖାଉ ନାହିଁ...**
**ଖାଅ ତ ଖୁଅ ଗୋ ଦିଅର ମୋ ମୁହଁକୁ ଅନାହିଁ ।"**
**(ବୁର ପଲ୍ଲୀ, ଭଂଜନଗର)**

ଛୋଟ କିଆରି ହଳରେ ଚାଷ କରିବା ହଲିଆ ପାଇଁ କଷ୍ଟସାଧ । ତଥାପି ସେ କଷ୍ଟରେ ହଳ କରେ । ଏହି ଅବକାଶରେ ସେ ଭାଉଜ-ଦିଅରର ଯେଉଁ ସଂପର୍କ ଅଛି ତାହାକୁ କହିବାକୁ ପଛାଏ ନାହିଁ । ତା'ପାଇଁ ଭାଉଜ ଆଣିଥିବା ଗୋଟଣାରେ ସେ ଖାଇବା ମଂଗେ ନାହିଁ । ଭାଉଜର ସୁଆଦିଆ କଥାରେ ପରେ ଦିଅର ଖାଇଦେଇ ହଳ କରେ । ବେଳେ ବେଳେ ଦିଅରର ଖାଇବା ପାଇଁ ଅମଂଗ ଭାଉଜକୁ ବିଲମାଳରେ ହଟହଟା ହେବାକୁ ପଡ଼େ । ସେ କ'ଣ କ'ଣ ରାନ୍ଧି ଦିଅର ପାଇଁ ଆଣେ ତଥାପି ଅବୁଝାକୁ ବୁଝେଇବା ପାଇଁ ସେ ଚେଷ୍ଟାକରେ ।

**"ବୋଇଲା – ବାରି ତ ବାଇଗଣରେ.. ବଂଶତଳ ଛୁଆଁ ଆ...**
**କୋକିଲି ଶୁଖୁଆକୁ ଆଥ... ପିଆଜ ଗୋଟା ଗୋଟା**
**ଖାଉତ ନାହିଁରେ ଏ...ଏ ସାନ ଯେ ଦିଅର ତା' ଲାଗି**
**ଦାଣ୍ଡେ ହଟହଟା ।"(୭)**

ପତିପତ୍ନୀ ହୁଅନ୍ତୁ ଅବା ଦିଅର-ଭାଉଜର ପରିହାସ ସବୁ ସ୍ଥାନରେ ପ୍ରେମାବେଗ ତଥା ପାରିବାରିକ ମାଧୁର୍ଯ୍ୟ ସଂଗୋପିତ ଅବସ୍ଥାରେ ଥିବା ଯେ କେହି ଅନୁଭବ କରିପାରିବେ । ବିଶେଷକରି ନିଷ୍କପଟ ଭାବରାଜିର ଗୁମ୍ଫନରେ ହଲିଆର ପ୍ରେମ ଆବେଗ ନିର୍ଝରଣୀର କୁଳୁକୁଳୁ ନାଦ ପରି ସ୍ୱତଃସ୍ଫୁର୍ତ୍ତ ଭାବରେ ପ୍ରକାଶ ପାଇଥାଏ । ହୃଦୟର ସରଳତା, ଭାବର ତରଳତା ଏବଂ ଶବ୍ଦର ସାବଲୀଳତା ତଥା ସ୍ୱରର କୋମଳତାରେ ହଲିଆ ତା'ର ପ୍ରେମାବେଗକୁ ପରିପ୍ରକାଶ କରେ । ଏହା ଯେତିକି ଅପ୍ରକାଶ୍ୟ, ତା'ଠୁଁ ବେଶି ଅନୁଭବ୍ୟ । ପତ୍ନୀକୁ ସେ ଏପରି ସମ୍ବୋଧନ କରେ, ଯାହା ତା'ର ଭଲପାଇବାର ସମସ୍ତ ଆବେଗକୁ ମୂଲ୍ୟାୟନ କରିବାରେ ସହାୟକ ହୋଇଥାଏ । **ଯଥା** :

**"ବୋଇଲାରେ...**
**ମୋ ଚନ୍ଦ୍ରମାମୁଖୀ ଖରାବେଳଟାରେ**
**ଗୋଟଣା ନେଇକି ଆସେ,**
**ଖରାର ତେଜରେ ମୋ ରାଣୀର ମୁଖ**
**କି କାଳିମା ସତେ ଦିଶେ ।**
**ଧାନଗୋରା ରୂପ କଳା ପଡ଼ିଯିବ**
**ସହି ନ ପାରିବି କେବେ,**
**କାଦୁଆ ମାଟିରେ ତା' ଗୋଡ଼ ଖସିଲେ**
**ଧରି ନେବି ସତେ ମୁଁ ଯେ ।"**

ହଲିଆ ମନର ଅସଲ କଥାଟି ତଥା ନିରୁତା ପ୍ରେମାବେଗର ମୂଲ୍ୟଟି ଉପରୋକ୍ତ ପଦଟିରେ ନିହିତ ଥିବା ଜଣାଯାଏ । ବାସ୍ତବରେ ହଲିଆଟିଏ ତା'ର ପ୍ରେମାବେଗକୁ ନେଇ ଗାଉଥିବା ଗୀତରେ ପତ୍ନୀକୁ ଭଲପାଇବାର ଭାବ ଯେତିକି ମୂର୍ତ୍ତିମନ୍ତ ହୋଇଥାଏ, ପକ୍ଷାନ୍ତରରେ ଅଭାବ, ଅନଟନର ଚିତ୍ର ମଧ ସେତିକି ସୁସ୍ପଷ୍ଟ ଦେଖାଯାଏ । କୃଷକର ବନ୍ଧୁ ହେଲା ଦାରିଦ୍ର୍ୟ । ଦୈବୀ-ଦୁର୍ବିପାକ, ସାହୁକାରଙ୍କ ଋଣ ପରିଶୋଧଜନିତ ତାଗିଦା ଆଦି ନିତ୍ୟନୈମିତ୍ତିକ ତାଡ଼ନାରେ ସେ ଚିର ମର୍ମାହତ । ସୁତରାଂ ହଲିଆଟିର ଅଭାବ-ଅନଟନ ତଥା ମର୍ମବେଦନାର ଚିତ୍ର ମଧ ହଲିଆଗୀତରେ ପ୍ରତିଭାତ ହୋଇଥାଏ । ତେଣୁ ସଂପ୍ରତି ବାସ୍ତବ ଜୀବନର ଅନୁଭୂତିରେ ହଲିଆ ଗୀତଗୁଡ଼ିକ କିପରି ଋଦ୍ଧିମନ୍ତ ହୋଇଥାଏ ତା' ସଂପର୍କରେ ଆଲୋଚନା କରାଯାଇପାରେ ।

**ଘ) ବାସ୍ତବ ଜୀବନାନ୍‌ଭୂତି ମୂଳକ :**

ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ, ଲୋକଗୀତ କଳ୍ପନାବିଳାସର ନିର୍ମୋକ ପରିତ୍ୟାଗ କରି ବାସ୍ତବତାର ମାଟି ଉପରେ ଥାଏ ଦଣ୍ଡାୟମାନ । ଅଚିହ୍ନା ଆକାଶ ଅପେକ୍ଷା ଚିହ୍ନା ମାଟି ଉପରେ ତା'ର ଆସ୍ଥା ବେଶି, ବିଶ୍ୱାସ ଅଧିକ । ତେଣୁ ବାସ୍ତବ ଜୀବନର ନିଛକ ଚିତ୍ରରେ ତା'ର ସାରସ୍ୱତ ଭଣ୍ଡାର ପରିପୂର୍ଣ୍ଣ । ପରିଶ୍ରମ ହିଁ ତା'ପାଇଁ ସବୁକିଛି; ସେ କର୍ମବିଶ୍ୱାସୀ । ନିମ୍ନୋକ୍ତ ଗୀତଟିକୁ ଏହି ପରିପ୍ରେକ୍ଷୀରେ ଅନୁଧ୍ୟାନ କରାଯାଉ ।

**"ଏ... ରାମତ ରାମପଦରେ ସ୍ୱର୍ଗକୁ ନିଶୁଣି**
**ପୂର୍ବୁତ ପାଣି ନେଇ ପଶ୍ଚିମେ ଭଜାଣି**
**ଏହିତ ପାଣି ଭାଇରେ ବଢ଼େଇ ନେଇପାରୁ**
**ଧୋଇ ମରୁଡ଼ିକୁ କି ପାଇଁ ଭୟ କରୁ**
**ସାଉକୁ ଶୁଝିବୁରେ ରଜାକୁ ଦେବୁ କର**
**ତୋହ ଦୁଆରକୁ କେହି ନ ଯିବେରେ**
**ନ ଦେବୁ ତଣ୍ଡକର ଯେ... ।"**

ଉପରୋକ୍ତ ଗୀତଟିରେ ହଲିଆଟିର ଅଭାବୀ ଜୀବନର ଚିତ୍ର ସୁସ୍ପଷ୍ଟ । ମାଟି ସହିତ ମାଟି ହୋଇ, ପଡ଼ିଆ ଜମିକୁ ଭଟିଆ କରି ସୁନାର ଫସଲ ଫଳେଇବାରେ କୃଷକର ସାର୍ଥକତା, ସଫଳତା ପ୍ରମାଣିତ ହୋଇଥାଏ । ଧୋଇ ମରୁଡ଼ିକୁ ତା'ର ନିଘା ଥାଏ; ନା ନିଘା ଥାଏ ବନ୍ୟାବାତ୍ୟାକୁ । ଗତ ସନ ଘଟିଥିବା ବନ୍ୟା ମରୁଡ଼ିର ବିଭୀଷିକାକୁ ପହିଲି ମେଘର ଦର୍ଶନରେ କୃଷକଟିଏ ପାଶୋରି ଯାଇ ସଜାଡ଼ି ବସେ ଲଂଗଳ, ମଇ । ରାତି ଅଧରୁ ହଳଧରି କ୍ଷେତକୁ ଯିବାପାଇଁ ସେ ପ୍ରସ୍ତୁତ ହୋଇଯାଏ । ଏପରି କି ସମୟେ ସମୟେ ଟୋପାଏ ତୋରାଣି ନ ପାଇ ଅତ୍ୟନ୍ତ ଦୁଃଖରେ ତା'ର ଜୀବନସାଥୀ ବଳଦଯୋଡ଼ିକୁ ସାକ୍ଷୀ ରଖି ହଲିଆଟିଏ ଗାଉଥାଏ –

**"ରାତିତ ଅଧାରୁ ଯୋଚି ମୁଁ ଦେଲି ହଳ,**
**ବିଲକୁ ଯାଉ ଯାଉ ପହଡ଼େ ହେଲା ବେଳରେ ।**
**ଲଂଗଳ ଫାନ୍ଦି ଦେଲରେ କଂଟିରେ ଦେଲି ହାତ ପଛକୁ ଅନାଇଲି ଆସୁତ ଅଛି ଭାତ ।**
**ଭାତତ ଆସୁଅଛିରେ ତୋରାଣୀ କିଛି ନାହିଁ**


© 2025 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

**ହଡ଼ାଇ ପେଲି ଦେଲିରେ ଦେହେ ମୋ ଜ୍ଞାନ ନାହିଁ ।"**

ଆପାତତଃ କୃଷି ହିଁ କୃଷକର ଏକମାତ୍ର ସାହାଭରସା । ମୁଣ୍ଡର ଝାଳ ତୁଣ୍ଡରେ ମାରି, ଖରା-ବର୍ଷା-ଶୀତକୁ ଆପଣାର କରି, ଦେହର ଭଲମନ୍ଦକୁ ପଛରେ ପକାଇ ବଂଚିବା ପାଇଁ ଯିଏ ସଂଗ୍ରାମ କରେ – ସେ ହିଁ କୃଷକ । ନଡ଼ାର ଅଭାବରେ ଘର ଛପର ନ ହେବା, ପିଲାଙ୍କ ମୁହଁରେ ମୁଠାଏ ଭାତ ଦେଇ ନ ପାରିବା ଦୁଃଖରେ ହଲିଆଟିଏ ନିଜ ଭାଗ୍ୟକୁ 'ପୋଡ଼ା କପାଳ' ଶବ୍ଦରେ ସମ୍ବୋଧନ କରିବାକୁ କୁଣ୍ଠା କରେନାହିଁ । ଅଭାବର ମରୁଭୂମିରେ ସୌଭାଗ୍ୟର ପାଣି ପାଇଁ ତହଲ-ବିକଳ ହେଉଥିବା ଭାଗ୍ୟହୀନ ବାଟୋଇ ହିଁ ହଲିଆ । କାହାକୁ କହିବ ତା' ଦୁଃଖର କାହାଣୀ ? ତେଣୁ ଜମିରେ ହଳ କରୁକରୁ ସବୁ ଦୁଃଖକୁ ସେ ଗୀତରେ ଗାଇଯାଏ । ସେହି ଗୀତର ପ୍ରତିଟି ଶବ୍ଦ ହଲିଆ ହୃଦୟର ଦୁଃଖରେ ସିଝି ହୋଇଥାଏ; ଆଖିର ଲୁହରେ ଭିଜି ଯାଇଥାଏ । ଯଥା –

**"ମେଘ ତ ବରଷିଲା ଟପର ଟପର**
**ଘରର ହୋଇ ନାହିଁ ଖଣ୍ଡିଏ ଛପର**
**ନଡ଼ା ତ ନାହିଁ ଖଣ୍ଡିଏ ଛପର**
**ନଡ଼ା ତ ନାହିଁ ବସି ଭାଳୁଛି ଦିନରାତି,**
**କେଉଁଠି ମୁଣ୍ଡ ଗୁଞ୍ଜି ରହିବି ପାଶେ ନାହାନ୍ତି ଜାତି ହୋ**
**ପାଶେ ନାହାନ୍ତି ଜାତି ସମସ୍ତେକ ଅଛୁଆଁ,**
**ଛୁଆପିଲା ଘର ମୋର କରନ୍ତି କୁଆକୁଆ**
**ପୁନେଇ ପରଦିନେ ନାହିଁ ମୋ ଘରେ ଭାତ**
**ଦନେଇ ଭାଇ ଆସି କାଲିଠୁ ହୋଇଛି ଉପଗତ ହେ ।**
**ହୋଇଛି ଉପଗତ ମାଣେକି ପଣେ ନାହିଁ**
**ସନେଇ ମାଆ ଯାଇ ବୁଲୁଛି ସାହି ସାହି ହୋ**
**ସକାଳୁ ବୁଲି ହେଲାଣି ଦୁଇପ୍ରହର**
**ପୋଡ଼ା କପାଳକୁ କିଛି ନ ମିଳିଲା ଧିକ ଏ ଜନ୍ମ ମୋର ହୋ ।।"(୮)**

ଏହା ଉପରୋକ୍ତ ପଦଗୁଡ଼ିକରୁ ଅଭାବୀ ହଲିଆଟିର ବାସ୍ତବ ଜୀବନାନ୍ଭୂତିର ମାର୍ମିକ ଚିତ୍ର ଅତ୍ୟନ୍ତ ଜୀବନ୍ତ ଭାବରେ ପ୍ରତିଭାତ ହେଉଥିବା ସ୍ୱୀକାର କରାଯାଇପାରେ । ବାସ୍ତବରେ ଏ ପ୍ରକାର କବିତା ଯେ କୌଣସି ବ୍ୟକ୍ତି ଠାରୁ ଆଶା କରିବା ବୃଥା । କେବଳ ପ୍ରତ୍ୟକ୍ଷ ଜ୍ଞାନ ଥିବା ବ୍ୟକ୍ତି ଓ ଅନୁଭବୀ ଏହାର ସ୍ରଷ୍ଟା । ଜୀବନ ଯୁଦ୍ଧରେ ବାରମ୍ବାର ସଂଗ୍ରାମଶୀଳ ବ୍ୟକ୍ତି ହୃଦୟରୁ ହିଁ ଏହା ସୃଷ୍ଟିଲାଭ କରିଛି । ଏହି ହାଡ଼ଭଙ୍ଗା ପରିଶ୍ରମ କରୁଥିବା କୃଷକ ମଧ ସ୍ୱପ୍ନ ଦେଖେ । ଭବିଷ୍ୟତ ପାଇଁ ବହୁ ଯୋଜନା କରେ । ସେ ଜାଣେ କୃଷିକାର୍ଯ୍ୟ ସରିଯିବା ସଂଗେ ସଂଗେ ତା'ର ମୂଲ୍ୟ ମିଳେ ନାହିଁ । ଓଡ଼ିଶା ପରି ଏକ ପ୍ରାକୃତିକ ବିପର୍ଯ୍ୟୟ ଦେଶରେ ପ୍ରତି ମୁହୂର୍ତ୍ତରେ ବନ୍ୟା, ବାତ୍ୟା ଓ ମରୁଡ଼ି ଲାଗି ରହିଛି । ଭାଗଚାଷ କରୁଥିବା ବ୍ୟକ୍ତି ତା'ର ଝାଳବୁହା ଉତ୍ପାଦିତ ଶସ୍ୟରୁ ଅଧା ରାଜାଙ୍କୁ ଦେଇ ଦେଇଥାଏ । କୃଷି ପାଇଁ ସାହୁକାର ଠାରୁ କରଜ ଆଣିଥାଏ । ଶସ୍ୟ ଉତ୍ପାଦନ ସଂଗେ ସଂଗେ ସେମାନେ ସେମାନଙ୍କ ପରି ପ୍ରାପ୍ୟ ଠିକ୍ ଆଦାୟ କରିନିଅନ୍ତି । ଯଥାସମୟରେ କରଜ ଶୁଝି ନ ପାରିଲେ ଡଣ୍ଡ ଦେବାକୁ ପଡ଼ିଥାଏ । ଏହା ସତ୍ତ୍ୱେ ମଧ ଅନୁକୂଳ ପାଗ ଦେଖିଲେ ସେ ସ୍ୱପ୍ନ ଦେଖିବାକୁ ଆରମ୍ଭ କରିଦିଏ । ଭବିଷ୍ୟତ ଜୀବନକୁ ଆନନ୍ଦମୟ କରିବାକୁ ସେ ଅନେକ ସୁଦୂର ପ୍ରସାରୀ ଯୋଜନା ପ୍ରସ୍ତୁତ କରି ରଖେ ।(୯)

ପକ୍ଷାନ୍ତରେ ଦକ୍ଷିଣ ଓଡ଼ିଶାର ଅନ୍ୟତମ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ହେଲା କନ୍ଧମାଳ, ଯାହାଙ୍କ ଆଦିମ ଅଧିବାସୀ ଭାବରେ କନ୍ଧ ସଂପ୍ରଦାୟ ସ୍ୱୀକୃତ । କୃଷି ଏମାନଙ୍କର ମୁଖ୍ୟ ଜୀବିକା । ସୁତରାଂ ଆଲୋଚନାର ସୌଷ୍ଟବତା ରକ୍ଷା ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲାର କନ୍ଧସଂପ୍ରଦାୟରେ ପ୍ରଚଳିତ ଏକ ହଲିଆ ଗୀତକୁ ଏଠାରେ ଉପସ୍ଥାପନ କରାଯାଇ ପାରେ । ବସ୍ତୁତଃ ବିଲରେ ହଳ କରୁଥିବା ହଲିଆଟିଏ କଠିନ ପରିଶ୍ରମ ଯୋଗୁଁ କ୍ଲାନ୍ତ ହୋଇପଡ଼େ । ସେଠାରେ ତା'ର ସାଥୀ ହଳ ବଳଦ । ସେମାନେ ପୁଣି ବେଳେ ବେଳେ ତା' କଥା ମାନନ୍ତି ନାହିଁ । ସେତେବେଳେ ତାଙ୍କୁ ଆୟତ୍ତକୁ ଆଣିବା ପାଇଁ ସେ ଗୀତଟିଏ ଗାଇ ଦେଇଥାଏ । ସୂର୍ଯ୍ୟ ଉଦୟ ପୂର୍ବରୁ ବିଲକୁ ଯାଇଥିବା କୃଷକଟିଏ ଦେଖେ ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠିଲେଣି । ତେଣୁ କ୍ଲାନ୍ତ ଦେଶୀୟ କନ୍ଧ କୃଷକଟି ଚଞ୍ଚଳ ହଳ ସାରି ଘରକୁ ଫେରିବାକୁ ବ୍ୟଗ୍ର ହୋଇ ତା'ର ପତ୍ନୀ ବା ବଳଦ ପ୍ରତି ଗୀତ ମଧରେ କହେ –

**"ସା...ସା...ସା...ସା...**

**ସାଜାସା ବେଜାସୁ ଆଡ଼ି ନାଜେଲି ବେଜାମୁ**
**ମିଡ଼ାଲସି ବାଟି ବେଲାଂଗା ବେଣ୍ଡା ବେଲାଂଗୋ ଆମ୍ବମାନେ**
**ସା..ବେଜାମ୍...ସା**
**କଂଗଲିକରୁ ନିଡୁଡ଼ା କାଡୁ ଭୁଡାମୁ**
**ସା...ଜୋ...ସା ବେଜା**
**ବେଣ୍ଡା ବେଲା କୋଡୁସଲା ପାଣିଗିନାଆ**
**ବିଲୁଡ଼ି ବେଲା କତଲିଭୁଟୁ ଆନାପୁରିଗିବି**
**ହା...ଟା**
**ନ ବୁଲାଅରା କଂଗଲିପଡ଼ା ଭୁଡାମୁ କାଡୁ**
**କାପାସାରିନି ବିଡ଼ିଗିମୁ, ସାବେଜା**
**ବୁଲା ପଡ଼ିଙ୍ଗା କିର – ପିଗିବା ପୁଂଜି ସାଡ଼ାଇଗିନା**
**ବା-ଜା-ବା**
**ମ୍ଲିଆ ନାଜେଲି ବେଜାମୁ ଟିଟି ସଲା କିରପିଶୁମୁ**
**ଗଦଡ଼ି ସଲା ବିଡ଼ିଗିମୁ । ସା-ସା-ସା ।"(୧୦)**

ଅର୍ଥାତ୍ ହାତୀ ପରି ଲଂଗଳ ଟାଣି, ବାଛୁରୀ ପଣ୍ଡା ସକାଳୁ ଆସିଛୁ, ବେଳ ଗଡ଼ି ଗଲାଣି, ଚଞ୍ଚଳ ଟାଣ । ତମେ ସିଆର ଛାଡ଼ି ଏଣେତେଣେ ଲଂଗଳ ଟାଣ ନାହିଁ । ଏମିତି ଟାଣିଲେ କ୍ଷେତ ପଡ଼ିଆ ରହିବ । କାନ୍ଧରୁ ଜୁଆଳି ଖସିଲେ ସିନା ଘାସ ମୁଠାରେ ଚରିବ, ଡାଳ, ମୂଳ ଚୋବାଇବ । ତେନ୍ତୁଳି କାଠରେ ତିଆରି ଲଂଗଳକୁ ଟାଣି ଟାଣି ଦୁବଘାସ ଛିଣ୍ଡାଅ । ବାଂଧୁଣାରେ ତିଆରି ଲଂଗଳ ଟାଣି ଟାଣି ଅନାବନା ଘାସ ଉପାଡ଼ି ମାର । କେବଳ ସେତିକି ନୁହେଁ ଦକ୍ଷିଣ ଓଡ଼ିଶାର ଅନ୍ୟତମ ଆଦିବାସୀ ଅଞ୍ଚଳ ଭାବରେ ପରିଚିତ କୋରାପୁଟ ଜିଲ୍ଲାର ପରଜା ଜନଜୀବନରେ ହଲିଆ ଗୀତର ବିଶେଷତ୍ୱ କିପରି ନିଆରା ତାହା ଆଲୋଚନା ସାପେକ୍ଷ । ସାଧାରଣତଃ ପରଜା ମାଟିର ସନ୍ତାନ । ମାଟି ମାତାକୁ ମନାଇ ପାରିଲେ ଭଲ ଫସଲ ଦେଇଥାଏ ବୋଲି ପରଜା ବିଶ୍ୱାସ କରେ । ଏଣୁ ଖରା, ବର୍ଷା, ଶୀତ କାହାରିକୁ ଖାତିର ନ କରି ସେ ତା'ର କୃଷିକର୍ମରେ ଲିପ୍ତ ରହିଥାଏ । ପୁରୁଣାକାଳିଆ ଶୈଳୀରେ ତା'ର ଚାଷକାର୍ଯ୍ୟ । ଆକାଶରେ ମେଘ ନାଚିଲେ ପରଜାର ଛାତି ଉଲ୍ଲସି ଉଠେ । ହଳ ଲଂଗଳ ଧରି ବାହାରି ପଡ଼େ ଜମିକୁ । କୌଣସି ବାଧାବିଘ୍ନକୁ ଖାତିର ନ ଥାଏ ତା'ର । ସମୟ ସମୟରେ ବଳଦମାନଙ୍କୁ ଶୁଣାଇ ନିଜ କର୍ମମୟ ଜୀବନରେ କ୍ଲାନ୍ତି ଅପନୋଦନ ପାଇଁ ହଳ କରୁଥିବା ପରଜା କଷ୍ଟସୃଷ୍ଟ କରିଥିବା ଗୀତ ଗାଇଥାଏ । ଏହି ଗୀତ ଲୋକମୁଖରୁ ନିଃସୃତ ଗୀତ । ଏହା ପରଜା ଜୀବନରେ ହଲିଆ ଗୀତ ରୂପେ ପରିଚିତ ।


© 2025 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

**"କିଆରି କେ କିଆରି**
**ହୁଲ୍ ହୁଟେ ଲିହାରି...**
**ରଜା ପାଇଁ ଗୁଟେ ରାଣୀ ନାଇଁ ହିଂଥେ**
**ରଜା ଗାଲା ଆଛେ ବେଟ୍‌କେ...**
**ରାଣୀ ଦେଖୁଲି ବାଟ୍‌କେ**
**ସାଞ୍ଜେ ଆସେନ୍ ଘେରେ ଫେରି**
**କଟ୍‌ରା ମାସ ହୁଡ଼ା ଆତେ ଧରି**
**ଏ ମୋର କାଲାବତୀ ସୁନ୍ଦରୀ... ।"**

**ଓଡ଼ିଆ ଭାଷାରେ...**

**"କିଆରି କେ କିଆରି**
**ଫୁଲ ଫୁଟେ ଲିଆରି...**
**ରାଜା ଗୁଣ୍ଡେ ନାହିଁ**
**ରାଣୀ ଗୁଣ୍ଡେ ନାହିଁ**
**ରାଜା ଯାଇଛନ୍ତି ଶିକାର କରି**
**ସନ୍ଧ୍ୟାରେ ଘରକୁ ଆସିବେ ଫେରି**
**ଆଲୋ ମୋର କଳାବତୀ ସୁନ୍ଦରୀ ।"(୧୧)**

ସର୍ବୋପରି ହଲିଆ ଗୀତ ଅଭାବୀ ମଣିଷଟିର ନିତ୍ୟନୈମିତ୍ତିକ ଜୀବନଚର୍ଯ୍ୟାର ମହାକାବ୍ୟ । ଭାବପ୍ରକାଶ ସମୟରେ ସେ ବିଦଗ୍ଧ ସମାଜର ବିଧୂ ବ୍ୟବସ୍ଥାକୁ ପାଥେୟ କରେନାହିଁ; ସ୍ୱତଃସ୍ଫୁର୍ତ୍ତ ଭାବାବେଗର ଅନୁରୋଧରେ ସେ ଗୀତ ଗାଇଥାଏ । କଳ୍ପନାବିଳାସର ବାଗାଡ଼ମ୍ବର, ଶବ୍ଦ ସଂଯୋଜନାର ଆଭିଧାନିକ କଳା କୌଶଳକୁ ସେ ଗୁରୁତ୍ୱ ଦିଏନା; ଗୁରୁତ୍ୱ ଦିଏ କେବଳ ସାବଲୀଳ ଜୀବନ ଓ ଜଗତକୁ । ଗ୍ରାମ୍ୟ ପରିବେଶ ତଥା ଗ୍ରାମ୍ୟ ଜୀବନର ସରଳତା ହିଁ ତା'ର ଜୀବନବୋଧ । ତେଣୁ ପାଣ୍ଡିତ୍ୟର ସ୍ୱର୍ଜିତ ଆସ୍ୱର୍ଦ୍ଧା ତା'ର ନ ଥାଏ କିମ୍ବା ପ୍ରଶଂସା ପ୍ରତି ନ ଥାଏ ଲାଳସା । ଅଂଗେ ଲିଭା କଥାକୁ ଗୀତରେ ଗାଇଯାଏ ସେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଲୋକଗୀତ ପୁଣି ଜୀବନର ଅନ୍ତଃପର୍ଯ୍ୟନ୍ତ ବିଶ୍ୱାସ ଓ କଳ୍ପନାର ରୂପ, ତାହା ବୈରାଗ୍ୟର ସଂଗୀତ ନୁହେଁ, ଆସକ୍ତି ସଂସାରାର । ଦୁଃଖ ଅଛି, ଦୈନ୍ୟ ଅଛି, ବ୍ୟଥା – ବେଦନାର ଅନୁଭବ ସେ ଗୀତର ଭାବ ପଞ୍ଜର ନିର୍ମାଣ କରିଥାଏ ।(୧୨) ସୁତରାଂ ଏହା ପ୍ରାଚୀନ ଓ ନବୀନତାର ଏକ ମିଶ୍ରିତ ଭାବ । କେଉଁ ଅନାଦିକାଳରୁ ଏହି ହଲିଆଗୀତ ସମୟ ସୁଅରେ ଭାସି ଆସିଛି, ଖଣ୍ଡିଆ-ଖାବରା ହୋଇଛି । ତଥାପି ସେଥିପ୍ରତି ତା'ର ନିଘା ନାହିଁ, ମାଡ଼ି ଚାଲିଛି ଆଗକୁ ଆଗକୁ । ଯାତ୍ରାପଥ ତା' ପାଇଁ ଅନନ୍ତ । ଜୀବନ ଓ ଜଗତ ସହିତ ଓତପ୍ରୋତ ଭାବରେ ଜଡ଼ିତ ହୋଇଥିବା ଯୋଗୁଁ ମୂଲ୍ୟବୋଧଗତ ଅବକ୍ଷୟ ପାଖରେ ଏହା ମୁଣ୍ଡ ନ ନୁଆଁଇ, ଭାବକୁ ଅକ୍ଷୁର୍ଣ୍ଣ ରଖିବାକୁ ଚେଷ୍ଟା କରିଛି । ଆଧୁନିକ ଯନ୍ତ୍ର ସଭ୍ୟତାରେ ଆଜି ହଜି ଯିବାକୁ ବସିଛି ଲଂଗଳ, ମଇ, ଜୁଆଳି ପରି ଚାଷ ଉପକରଣ । ତା'ର ସ୍ଥାନ ନେଇଛି ଟ୍ରାକ୍ଟର ଓ ପାୱାରଟିଲର ପରି ଆଧୁନିକ ଯନ୍ତ୍ର । ତଥାପି ସାର୍ବଜନୀନ ତଥା ସାର୍ବକାଳିକ ମୂଲ୍ୟବୋଧରେ ଏହା ପରିପୁଷ୍ଟ ହୋଇ ପିନ୍ଧିଛି ଚିରନ୍ତନତାର ମୁକୁଟ । ଲୋକ-ମାନସରେ ହଲିଆଗୀତର ଆବେଦନ ଶାଶ୍ୱତ ରହୁ; ବିପୁଳାଚ ପୃଥ୍ୱୀ ଓ ନିରବଧୂ କାଳ ମଧ୍ୟରେ ଏହାର ଦ୍ୟୋତନା ସର୍ବଦା ଋଦ୍ଧିମନ୍ତ ହେଉ ଏହାହିଁ କାମନା ।

## ସହାୟକ ଗ୍ରନ୍ଥ

1. ମହାପାତ୍ର ଏସ୍.ସି. *ଓଡ଼ିଆ ଗ୍ରାମ୍ୟ ଗୀତି*, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର; ପୃ. ୦୨–୦୩।
2. ପାଣିଗ୍ରାହୀ ଏଲ୍. *ଗଞ୍ଜାମର ଲୋକସାହିତ୍ୟ ଓ ସଂସ୍କୃତି*, ସୁଧା ପ୍ରକାଶନୀ, ବ୍ରହ୍ମପୁର; ୨୦୧୪, ପୃ. ୮୩।
3. ଦାସ କେ.ବି. *ଓଡ଼ିଆ ଲୋକଗୀତ ଓ କାହାଣୀ*, ବିଶ୍ୱଭାରତୀ; ୧୯୫୮, ପୃ. ୨୨୩।
4. ହସନ୍ କୁମାର. *ସମ୍ବଲପୁରୀ ଲୋକ ସାହିତ୍ୟ*, କେ.କେ. ମିଶ୍ର ଏଣ୍ଡ କୋ., କଟକ; ୧୯୮୩, ପୃ. ୨୭।
5. ସାହୁ ଏ. *କଳାଗୌରବ*, ସାରସ୍ୱତ ପୁସ୍ତକ ଭଣ୍ଡାର, ସମ୍ବଲପୁର; ୧୯୮୭, ପୃ. ୨୪୧।
6. ପାଣିଗ୍ରାହୀ ଏଲ୍. *ଗଞ୍ଜାମର ଲୋକସାହିତ୍ୟ ଓ ସଂସ୍କୃତି*, ପୃ. ୮୯ରୁ ସଂଗୃହୀତ।
7. ତତ୍ରୈବ, ପୃ. ୮୪–୮୫।
8. *ହଲିଆଗୀତ*, ବାଣୀଭଣ୍ଡାର, ବ୍ରହ୍ମପୁର–୪; ପୃ. ୦୭।
9. ପ୍ରଧାନ କେ.ସି. *ଓଡ଼ିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି*, ବିଦ୍ୟାପୁରୀ, କଟକ; ୧୯୯୫, ପୃ. ୨୭।
10. ପରିଡା ଏସ୍.କେ. *କନ୍ଧମାଳର ଲୋକସଂସ୍କୃତି: ଏକ ଅନୁଶୀଳନ* (ଅପ୍ରକାଶିତ ଗବେଷଣା ନିବନ୍ଧ), ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ; ପୃ. ୫୧–୫୨।
11. ମେହେର ଆର୍. *ଦକ୍ଷିଣ ଓଡ଼ିଶାର ଆଦିବାସୀ ସଂସ୍କୃତି*, ସାହିତ୍ୟ ଶ୍ୱେତପଦ୍ମା, ଭୁବନେଶ୍ୱର; ୨୦୧୦, ପୃ. ୧୦୬–୧୦୭।
12. ସାହୁ ଏ. *କଳାଗୌରବ*, ପୃ. ୨୪୦।

**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution (CC BY 4.0) license. This license permits unrestricted use, distribution, and reproduction in any medium, provided the original author and source are credited.

**About the Corresponding Author**



**ଡ଼ . ନଳିନୀ କୁମାର ପାଣିଗ୍ରାହୀ** ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ, ସମକାଳୀନ କବିତା ଏବଂ ସମାଲୋଚନା ରଚନା କ୍ଷେତ୍ରରେ ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ । ତାଙ୍କର କବିତା ମାନବୀୟ ଜୀବନବୋଧର କଥା କହିବାରେ ଯେପରି ସମର୍ଥ; ସମାଲୋଚନା ସେପରି ବିଷୟ ଉପସ୍ଥାପନରେ ବୈଚିତ୍ର୍ୟ, ନିରୋଳା ଭାଷା ଏବଂ ଅନ୍ତର୍ଦୃଷ୍ଟି ସଂପନ୍ନ ଭାବ ବିନ୍ୟାସରେ ଅନନ୍ୟ ।


© 2025 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/